# NATIONAL NEWS BULLETIN (ODIA)

## 15 March - 2025

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଆସାମରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ।
- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରୁ ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲିମୋର୍‌ଙ୍କୁ ଫେରାଇ ଆଣିବା ପାଇଁ କ୍ରୁ-୧୦ ଅଭିଯାନ ଆରମ୍ଭ ।
- ଆଜି ପାଳନ କରାଯାଉଛି ବିଶ୍ୱ ଖାଉଟି ଅଧିକାର ଦିବସ ।
- ମାର୍କ କାର୍ଣ୍ଣେ କାନାଡ଼ାର ନୂତନ ପ୍ରଧାନମନ୍ତ୍ରୀ ଭାବେ କଲେ ଶପଥଗ୍ରହଣ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ଫାଇନାଲ୍‌ରେ ମୁହାଁମୁହିଁ ହେବେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ।

# ଅମିତ ଶାହା–ଆସାମ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଆସାମରେ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଶ୍ରୀ ଶାହା ଗତକାଲି ଜୋରହାଟ ବିମାନ ବନ୍ଦରରେ ପହଞ୍ଚିବା ପରେ ସନ୍ଧ୍ୟାରେ ଗୋଲାଘାଟରେ ପହଞ୍ଚିଥିଲେ ।

ଆଜି ସକାଳେ ଶ୍ରୀ ଶାହା ମିଜୋରାମ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଅତ୍ୟାଧୁନିକ ପୁଲିସ୍ ଏକାଡେମୀର ଉଦ୍‌ଘାଟନ କରିବେ । ଅପରାହ୍ଣରେ ସେ ଆଇଜୋଲ୍‌ରେ ଆସାମ ରାଇଫଲ ପ୍ରତିଷ୍ଠାନ ଗୁଡ଼ିକୁ ଜୋଖାଓ୍ୱାସଙ୍ଗକୁ ସ୍ଥାନାନ୍ତର ନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ ଶ୍ରୀ ଶାହା ଗୌହାଟୀରେ ରାତ୍ରୀ ଯାପନ କରିବେ ।

ଆସନ୍ତାକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କୋକ୍ରାଝରେ ଜିଲ୍ଲାର ଡୋଟମା ଠାରେ ବୋଡୋ ଛାତ୍ର ସଂସଦର ୫୭ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରିବେ । ନୂଆଦିଲ୍ଲୀ ଫେରିବା ପୂର୍ବରୁ ଶ୍ରୀ ଶାହା ସେହିଦିନ ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକର ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା କରିବେ ।

## ଅଶ୍ୱିନୀ ବୈଷ୍ଣବ

ରେଳବାଇ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଦିନିକିଆ ଗସ୍ତରେ ଚେନ୍ନାଇରେ ପହଞ୍ଚିବେ । ତିରୁଭାଲୁର୍ ଠାରେ ଜେଟ୍‌ୱାର୍କ ଇଲେକ୍ଟ୍ରୋନିକ୍ସର ନବନିର୍ମିତ କ୍ୟାମ୍ପସ୍‌କୁ ଶ୍ରୀ ବୈଷ୍ଣବ ଉଦ୍‌ଘାଟନ କରିବେ । ଥାଇୟୁର୍ ସ୍ଥିତ ଆଇ.ଆଇ.ଟି. କ୍ୟାମ୍ପସ୍‌ରେ ସେ ପ୍ରଯୁକ୍ତିବିଦ୍ୟା ବୈଷୟିକ ବିଶେଷଜ୍ଞ ଟିମ୍ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ସ୍ପେସ୍‌ଏକ୍ସ-ସୁନିତା ୱିଲିୟମ୍ସ

ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଗତ ୯ ମାସ ଧରି ଅଟକି ରହିଥିବା ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର୍‌ଙ୍କୁ ଫେରାଇ ଆଣିବା ପାଇଁ ସ୍ପେସ୍‌ଏକ୍ସ ଏବଂ ନାସା ପକ୍ଷରୁ ଏକ ଅଭିଯାନ ଆରମ୍ଭ କରାଯାଇଛି । ଗତକାଲି ରାତିରେ କ୍ରୁ-୧୦ ଅଭିଯାନରେ ଏକ ଡ୍ରାଗନ୍ସ ସ୍ପେସ୍‌କ୍ରାଫ୍ଟକୁ ମହାକାଶକୁ ପଠାଯାଇଛି । ଏହି ଅଭିଯାନରେ ଚାରି ଜଣ କ୍ରୁ ସଦସ୍ୟଙ୍କୁ ପଠାଯାଇଛି ।

ସୂଚନା ଯୋଗ୍ୟ ଗତବର୍ଷ ଜୁନ୍ ମାସରେ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର୍ ମହାକାଶରେ ପହଞ୍ଚିବା ପରେ ୯ ମାସ ଧରି

ଆଇ.ଏସ୍.ଏସ୍.ରେ ଫସି ରହିଛନ୍ତି । ସେମାନେ ସେଠାରେ ମାତ୍ର ୧ ସପ୍ତାହ ରହିବାର ଥିଲା । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଗତକାଲି ଏହି ଅଭିଯାନ ପୂର୍ବରୁ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗ୍‌ସେଥ୍ ନାସାର ସ୍ପେସ୍ ଏକ୍ସ କ୍ରୁ୍ୟ-୧୦କୁ ସମର୍ଥନ ଜଣାଇ ଏକ ଭିଡ଼ିଓ ବାର୍ତ୍ତା ସେୟାର୍ କରିଛନ୍ତି ।

## ସିବିଏସ୍‌ଇ ଏକ୍ସାମ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ – ସି.ବି.ଏସ୍.ଇ. ପକ୍ଷରୁ କୁହାଯାଇଛି, ଆଜି  ଦେଶର ସବୁଆଡ଼େ ହୋଲିପର୍ବ ପାଳନ ହେଉଥିବା ସତ୍ତ୍ୱେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ । ବୋର୍ଡ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆଜି ହିନ୍ଦୀ କୋର୍ ଏବଂ ଇଲେକ୍‌ଟିଭ୍ ବିଷୟ ପରୀକ୍ଷା କରାଯିବ । ଯଦି କୌଣସି ଛାତ୍ରଛାତ୍ରୀ ଆଜି ପରୀକ୍ଷା ଦେଇ ନ ପାରିବେ ତେବେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର ପରୀକ୍ଷା ଦେଇପାରିବେ ।

# ଫୋରେକ୍ସ-ରିଜର୍ଭସ୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରା ସ୍ୱାପ୍ କାର୍ଯ୍ୟ ଦ୍ୱାରା ଚଳିତ ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୧୫ ଦଶମିକ୍ ୨/୬ ବିଲିୟନ୍ ଡଲାର୍ ବୃଦ୍ଧି ପାଇ ୬୫୩ ଦଶମିକ୍ ୯/୬ ବିଲିୟନ୍ ଡଲାର୍‌ରୁ ଅଧିକ ହୋଇଛି । ଆର୍.ବି.ଆଇ. ଦ୍ୱାରା ପ୍ରକାଶିତ ସାପ୍ତାହିକ ପରିସଂଖ୍ୟାନ ରିପୋର୍ଟ ଅନୁସାରେ  ବୈଦେଶିକ ମୁଦ୍ରା ଭଣ୍ଡାରର ଏକ ପ୍ରମୁଖ ଅଂଶ ବିଦେଶୀ ମୁଦ୍ରା ସମ୍ପତ୍ତି ୧୩ ଦଶମିକ୍ ୯/୩ ବିଲିୟନ୍ ଡଲାର୍‌ରୁ ଅଧିକ ବୃଦ୍ଧି ପାଇ ୫୫୭ ଦଶମିକ ୨/୮ ବିଲିୟନ୍ ଡଲାର୍‌ରୁ ଅଧିକ ହୋଇଛି । ସେହିପରି ଗତ ସପ୍ତାହରେ ସୁନା ଭଣ୍ଡାର ଏକ ବିଲିୟନ୍ ଡଲାର୍ ବୃଦ୍ଧି ପାଇ ୭୪ ଦଶମିକ୍ ୩/୨ ବିଲିୟନ୍ ଡଲାର୍‌ରୁ ଅଧିକ ହୋଇଛି । ଏତଦ୍‌ବ୍ୟତୀତ ସ୍ୱତନ୍ତ୍ର ଡ୍ରଇଂ ରାଇଟସ୍ ୨୧୨ ନିୟୁତ୍ ଡଲାର୍ ବୃଦ୍ଧି ପାଇ ୧୮ ଦଶମିକ୍ ୨/୧ ବିଲିୟନ୍ ଡଲାର୍‌ରେ ପହଞ୍ଚିବା ସହ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରେ କେନ୍ଦ୍ରୀୟ ବ୍ୟାଙ୍କ୍‌ର ସ୍ଥିତି ୬୯ ନିୟୁତ ଡଲାର୍ ବୃଦ୍ଧି ପାଇ ୪ ଦଶମିକ ୧/୪ ବିଲିୟନ୍ ଡଲାରରୁ ଅଧିକ ହୋଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସୂଚନା ଦେଇଛି ।

## ଖାଉଟି ଦିବସ

ବିଶ୍ୱ ଖାଉଟି ଅଧିକାର ଦିବସ ଆଜି ପାଳନ କରାଯାଉଛି । ପ୍ରତିବର୍ଷ ମାର୍ଚ୍ଚ ମାସ ୧୫ ତାରିଖ ଦିନ ଖାଉଟି ମାନଙ୍କ ଅଧିକାରର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନ କରାଯାଇ ଆସୁଛି । ଚଳିତ ବର୍ଷ ଖାଉଟି ଅଧିକାର ଦିବସର ବାର୍ତ୍ତା ରହିଛି 'ସ୍ଥାୟି ଜୀବନଶୈଳୀ ପାଇଁ ଆବଶ୍ୟକ ପରିବର୍ତ୍ତନ' ।

ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଜି ଖାଉଟିମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜାଗୋ ଗ୍ରାହକ ଜାଗୋ କାର୍ଯ୍ୟକ୍ରମ ଅଧୀନରେ ଖାଉଟିମାନଙ୍କୁ ସଚେତନ କରାଯାଉଛି ।

## କାନାଡ଼ା

ପୂର୍ବତନ କେନ୍ଦ୍ରୀୟ ବ୍ୟାଙ୍କ ଅଧିକାରୀ ମାର୍କ କାର୍ଣ୍ଣେ କାନାଡ଼ାର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ୫୯ ବର୍ଷ ବୟସ୍କ କାର୍ଣ୍ଣେ ୯ ବର୍ଷ ଧରି ପ୍ରଧାନମନ୍ତ୍ରୀ ଥିବା ଜଷ୍ଟିନ୍ ଟ୍ରୁଡୁଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗଭର୍ଣ୍ଣର ଜେନେରାଲ୍ ମାରୀ ସିମନ୍ ଗତକାଲି ଓଟାୱା ଠାରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ।

ନୂତନ ପ୍ରଧାନମନ୍ତ୍ରୀ କାର୍ଣ୍ଣେଙ୍କ ସହିତ ୧୩ ଜଣ ପୁରୁଷ ଓ ୧୧ ଜଣ ମହିଳା  ମନ୍ତ୍ରୀଙ୍କୁ ନେଇ ମୋଟ୍ ୩୭ ଜଣ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥପାଠ କରିଛନ୍ତି । ଶପଥ ଗ୍ରହଣ କରିବା ପରେ କାନାଡ଼ାର ନୂତନ ପ୍ରଧାନମନ୍ତ୍ରୀ ଶ୍ରୀ କାର୍ଣ୍ଣେ ତାଙ୍କ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର କେବେବି ଅଂଶ ହେବ ନାହିଁ ବୋଲି ଘୋଷଣା କରିଛନ୍ତି । ସେ କହିଛନ୍ତି, କାନାଡ଼ା ମୂଳତଃ ଗୋଟିଏ ସ୍ୱତନ୍ତ୍ର ଦେଶ । ଯୁକ୍ତରାଷ୍ଟ୍ର ଆମେରିକା ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ଠାରୁ କାନାଡ଼ା ଉପଯୁକ୍ତ ସମ୍ମାନ ଆଶା କରେ ।

ଶ୍ରୀ କାର୍ଣ୍ଣେ କହିଛନ୍ତି, କାନାଡ଼ାର ସାର୍ବଭୌମତ୍ୱ ପ୍ରତି ଶ୍ରୀ ଟ୍ରମ୍ପ୍ ସମ୍ମାନ ଦେଲେ ସେ ତାଙ୍କୁ ସାକ୍ଷାତ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଏବେ ୱାଶିଂଟନ୍ ଗସ୍ତ କରିବାର ତାଙ୍କର କୌଣସି ଯୋଜନା ନଥିବା ଶ୍ରୀ କାର୍ଣ୍ଣେ କହିଛନ୍ତି । ତେବେ ଆସନ୍ତା କିଛି ଦିନ ଭିତରେ ସେ ୟୁରୋପ ଗସ୍ତ କରିବେ । ଶ୍ରୀ କାର୍ଣ୍ଣେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଓ ବ୍ରିଟେନ୍ର ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର୍ଙ୍କୁ ସାକ୍ଷାତ କରିବେ ।

ଶ୍ରୀ କାର୍ଣ୍ଣେ ଆସନ୍ତା କିଛି ଦିନ ମଧ୍ୟରେ କାନାଡ଼ାରେ ସାଧାରଣ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ବୋଲି ଆଶା କରାଯାଉଛି । ୨୦୦୮ ମସିହାରେ କାନାଡ଼ା କେନ୍ଦ୍ରୀୟ ବ୍ୟାଙ୍କ୍ର ମୁଖ୍ୟ ଥିବା ବେଳେ ଶ୍ରୀ କାର୍ଣ୍ଣେ ଦେଶରେ ଦେଖାଦେଇଥିବା ଆର୍ଥିକ ସଂକଟର ସମାଧାନ

କରିଥିଲେ ।  ପରେ ବ୍ୟାଙ୍କ୍ ଅଫ୍ ଇଂଲଣ୍ଡର ମୁଖ୍ୟ ଥିବାବେଳେ ସେ ବ୍ରେକ୍‌ସିଟ୍ ସମସ୍ୟାର ସଫଳ ପରିଚାଳନା କରିଥିଲେ ।

## ତେଲଙ୍ଗାନା-ଏସ୍.ଏଲ୍.ବି.ସି.

ତେଲଙ୍ଗାନା ଶ୍ରୀ ସାଇଲାମ୍ ଲେଫ୍ଟ ବ୍ୟାଙ୍କ୍ କେନାଲ୍ - ଏସ୍.ଏଲ୍.ବି.ସି. ଟନେଲ୍‌ରେ ଫସି ରହିଥିବା ୭ ଜଣଙ୍କୁ ଉଦ୍ଧାର ପାଇଁ ଚାଲିଥିବା ଅଭିଯାନ ଜୋର୍‌ଦାର କରାଯାଇଛି । ଏଥିପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ଏକ ହାଇଡ୍ରୋଲିକ୍ ରୋବୋର୍ଟ୍‌କୁ ମୁତୟନ କରାଯାଇଛି । ଏହି ଅଭିଯାନରେ ବିଭିନ୍ନ ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଛି ।

ସୂଚନା ଯୋଗ୍ୟ ଗତ ମାସ ୨୨ ତାରିଖରେ କାର୍ଯ୍ୟରତ ଇଞ୍ଜିନିୟର୍ ଓ ଶ୍ରମିକଙ୍କ ସମେତ ୮ ଜଣ ଏସ୍.ଏଲ୍.ବି.ସି. ଟନେଲ୍ ମଧ୍ୟରେ ଫସି ଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ ଦେହ ପୂର୍ବରୁ ଉଦ୍ଧାର କରାଯାଇଛି ।

## ଆଇଏମ୍‌ଡି

ଛତିଶଗଡ଼, ଝାଡ଼ଖଣ୍ଡ, ବିଦର୍ଭ, ପଶ୍ଚିମବଙ୍ଗର ଗାଙ୍ଗେୟ ଉପକୂଳ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର କେତେକ ସ୍ଥାନରେ ଆଜି ଓ ଆସନ୍ତାକାଲି ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଓଡ଼ିଶା ଏବଂ କଚ୍ଛ ଅଞ୍ଚଳରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ଓ ତାତି ଅନୁଭୂତ ହେବ । ୨ ଦିନ ମଧ୍ୟରେ ତାପମାତ୍ରା ଆଉ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଅନ୍ୟ ପକ୍ଷରେ ଜାମ୍ମୁ କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବଲ୍ଟିସ୍ତାନ, ମୁଜାରଫରବାଦ୍, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଆସନ୍ତା ୨ ଦିନ ମଧ୍ୟରେ ପ୍ରବଳ ବର୍ଷା ସାଙ୍ଗକୁ ବରଫପାତ ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ହରିୟାଣା, ପଶ୍ଚିମ ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ ଏବଂ ପୂର୍ବ ଉତ୍ତରପ୍ରଦେଶର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

## ଇସ୍ରୋ-ରେଭିନ୍ୟୁ

ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ଉପଗ୍ରହ ପ୍ରକ୍ଷେପଣ ମାଧ୍ୟମରେ ପାଖାପାଖି ୧୪୩ ମିଲିୟନ୍ ଆମେରିକୀୟ ଡଲାର୍‌ର ବୈଦେଶିକ ମୁଦ୍ରା ରାଜସ୍ୱ ସଂଗ୍ରହ କରିଛି । ମହାକାଶ ବିଭାଗ

କହିଛି, ଗତ ଦଶନ୍ଧି ମଧ୍ୟରେ ଇସ୍ରୋ ବାଣିଜ୍ୟିକ ଭିତ୍ତିରେ ମୋଟ୍ ୩୯୩ଟି ବିଦେଶୀ ଉପଗ୍ରହ ଏବଂ ତିନୋଟି ଭାରତୀୟ ଉପଗ୍ରହର ସଫଳ ପ୍ରକ୍ଷେପଣ କରିଛି । ଜାନୁଆରୀ ୨୦୧୫ରୁ ଡିସେମ୍ବର ୨୦୨୪ ମଧ୍ୟରେ ଏହି ଉପଗ୍ରହ ଗୁଡ଼ିକୁ ଇସ୍ରୋର ପି.ଏସ୍.ଏଲ୍.ଭି., ଏଲ୍.ଭି.ଏମ୍.ଥ୍ରୀ ଏବଂ ଏସ୍.ଏସ୍.ଏଲ୍.ଭି. ପ୍ରକ୍ଷେପଣ ଯାନ ମାଧ୍ୟମରେ ସଫଳତାର ସହ ଉତ୍କ୍ଷେପଣ କରାଯାଇଥିଲା ।

## ମାକ୍ରନ୍-ସିଜ୍ ଫାୟାର୍

ଆମେରିକା ମଧ୍ୟସ୍ଥତାରେ ୟୁକ୍ରେନ୍‌ରେ ୩୦ ଦିନ ପାଇଁ ଯୁଦ୍ଧବିରତି ପ୍ରସ୍ତାବକୁ ରୁଷ ଗ୍ରହଣ କରିବାକୁ ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ଆହ୍ୱାନ କରିଛନ୍ତି । ରୁଷ ଏ ବାବଦରେ ବିଳମ୍ବ କରୁଥିବା ନେଇ ଶ୍ରୀ ମାକ୍ରନ୍ ସମାଲୋଚନା କରିଛନ୍ତି । ୟୁକ୍ରେନ୍‌ରେ ଯୁଦ୍ଧ ପରିସ୍ଥିତି ତୁରନ୍ତ ଶେଷ ହେବା ପାଇଁ ଶ୍ରୀ ମାକ୍ରନ୍ ଆହ୍ୱାନ କରିଛନ୍ତି । ଏହି ଅବସରରେ ଶ୍ରୀ ମାକ୍ରନ ୟୁକ୍ରେନ୍ ପ୍ରତି ତାଙ୍କ ଦେଶର ସହଯୋଗକୁ ଆଉଥରେ ଦୋହରାଇଛନ୍ତି । ଇତିମଧ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ୟୁକ୍ରେନ୍‌ରେ ୩୦ ଦିନ ପାଇଁ ଆମେରିକା ପକ୍ଷରୁ ଦିଆଯାଇଥିବା ଯୁଦ୍ଧବିରତି ପ୍ରସ୍ତାବକୁ ନିସର୍ତ୍ତ ଗ୍ରହଣ କରିଥିବା କହିଛନ୍ତି । ତେବେ ଏ

କ୍ଷେତ୍ରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ଭୂମିକାକୁ ନେଇ ସେ ସତର୍କ କରାଇଛନ୍ତି ।

## ସ୍ପୋର୍ଟ୍‌ସ ଏଜ୍ ଫ୍ରଡ୍

କ୍ରୀଡ଼ା କ୍ଷେତ୍ରରେ ବୟସ ଜନିତ ଠକାମିକୁ ରୋକିବା ସହିତ ଉପଯୁକ୍ତ ଖେଳାଳି ଚୟନ ଓ ନିରପେକ୍ଷ ପ୍ରତିଯୋଗିତା ସୁନିଶ୍ଚିତ କରିବା ଲାଗି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି । ମନ୍ତ୍ରଣାଳୟ ସମସ୍ତ ଅଂଶିଦାର ଓ ଜନସାଧାରଣଙ୍କ ଠାରୁ କ୍ରୀଡ଼ା କ୍ଷେତ୍ରରେ ବୟସ ଜନିତ ଠକାମି ରୋକିବା ଲାଗି ହେବାକୁ ଥିବା ଜାତୀୟ କୋଡ୍ ଚିଠା ପ୍ରସ୍ତୁତ କରିବାକୁ ମତାମତ ଆହ୍ୱାନ କରିଛି । ପ୍ରସ୍ତାବିତ କୋଡ୍‌ରେ ବୟସ ଲୁଚାଇବା ଓ ଭୁଲ ବୟସ ପ୍ରଦାନ କରିବା କ୍ଷେତ୍ରରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ସମସ୍ତ ଅଂଶିଦାର ଓ ଜନସାଧାରଣ ଚଳିତ ମାସ ୩୧ ତାରିଖ ମଧ୍ୟରେ ସେମାନଙ୍କର ମତାମତ ଦେବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଆହ୍ୱାନ କରାଯାଇଛି ।

# ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ । ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏଲିମିନେଟର୍ ପର୍ଯ୍ୟାୟରେ ମୁମ୍ବାଇ ଇଣ୍ଡିଆନ୍ସ ୪୭ ରନ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ସର୍ବାଧିକ ୧୦ ପଏଣ୍ଟ ସହ ଦିଲ୍ଲୀ କ୍ୟାପିଟାଲ୍‌ସ ଫାଇନାଲ୍‌ରେ ପହଞ୍ଚିଛି ।